TPWODL
টিপি ୱେଷ୍ଟର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

PRESS RELEASE

<u>ପ୍ରେସ୍ ବିଜ୍ଞପ୍ତି ୬୮</u>

# ବିଦ୍ୟୁତ୍ ସରଞ୍ଜାମ ଚୋରି ରୋକିବାରେ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣ ସହଯୋଗ କରନ୍ତୁ: ଟିପିଡବ୍ଲୁଓଡିଏଲ୍

**ବୁର୍ଲା, ସେପ୍ଟେମ୍ବର ୧୭, ୨୦୨୫:** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ବିଦ୍ୟୁତ୍ ବିତରଣ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ସରଞ୍ଜାମ ଚୋରି ଘଟଣାରେ ଗମ୍ଭୀର ଚିନ୍ତା ବ୍ୟକ୍ତ କରାଯାଇଅଛି । କମ୍ପାନୀର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ ଅଧିନସ୍ଥ ରେଙ୍ଗାଲୀ, ପରମାଣପୁର, ଲଇଡ଼ା ଇତ୍ୟାଦି ଅଞ୍ଚଳରେ ବିଗତ ୪ ବର୍ଷ ମଧରେ ୪୭ ରୁ ଅଧିକ ଥର ବିଦ୍ୟୁତ୍ ସରଞ୍ଜାମ ଚୋରି ହେବା ନଜିରକୁ ଆସିଛି । ବିଗତ ତିନି ବର୍ଷ ମଧରେ କେବଳ ରେଙ୍ଗାଲୀ ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ସର୍ବାଧିକ ୨୯ ଥର, ଲଇଡ଼ା ଏବଂ ପରମାଣପୁର ସେକ୍ସନ ଅଞ୍ଚଳରେ ୯ଥର ଲେଖାଏଁ ବିଦ୍ୟୁତ୍ ସରଞ୍ଜାମ ଚୋରି ହୋଇଛି ।

ତେବେ ଏହିପରି ଚୋରି କେବଳ କମ୍ପାନୀକୁ ଆର୍ଥିକ କ୍ଷତିକୁ ନୁହେଁ, ବରଂ ହଜାର ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁରୁତର ପ୍ରଭାବିତ କରୁଛି । ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ଯୋଗାଣ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ସାଧାରଣ ଜନଜୀବନରେ ଗୁରୁତର ଅସୁବିଧା ସୃଷ୍ଟି ହେଉଛି । ଏହିସବୁ କ୍ଷତି ବିତରକ କମ୍ପାନୀର ଆର୍ଥିକ କ୍ଷୟକ୍ଷତିଠାରୁ ବହୁଗୁଣରେ ଅଧିକ ।

ପ୍ରକାଶଥାଉ କି, ଚୋରି ହୋଇଥିବା ସରଞ୍ଜାମକୁ ପୁଣିଥରେ ପୁନଃ ସ୍ଥାପିତ କରିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ, ଯାହା ବାର୍ଷିକ ଖର୍ଚ୍ଚରେ ଯୋଡ଼ାଯାଇ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କୁ ଅବଗତ କରାଯାଏ । ଏହିପରି ଘଟଣା ଗୁଡ଼ିକ ସମ୍ବନ୍ଧିତ ପୋଲିସ୍ ଷ୍ଟେସନରେ ଏଫଆଇଆର୍ (FIR) ମଧ ଦାଖଲ କରାଯାଇଛି ଏବଂ ଜିଲ୍ଲାର ସର୍ବୋଚ୍ଚ ପୋଲିସ୍ ଅଧିକାରୀଙ୍କୁ ଲିଖିତ ଭାବରେ ସୂଚନା ଦିଆଯାଇଛି ।

ଏଣୁ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଉଅଛି ଯେ, ଯଦି କୌଣସି ସ୍ଥାନରେ ବିଦ୍ୟୁତ୍ ସରଞ୍ଜାମ ଚୋରି ଦୃଷ୍ଟିକୁ ଆସେ, ତେବେ ତୁରନ୍ତ ଟିପିଡବ୍ଲୁଓଡିଏଲ୍ ନିକଟସ୍ଥ କାର୍ଯ୍ୟାଳୟ କିମ୍ବା ବିଦ୍ୟୁତ୍ ବିତରକ କମ୍ପାନୀର କର୍ମଚାରୀ ତଥା ଉକ୍ତ ଅଞ୍ଚଳର ପୋଲିସ ଅଧିକାରୀଙ୍କୁ ଖବର ଦିଅନ୍ତୁ ।

ବୈଦ୍ୟୁତିକ ସରଞ୍ଜାମ ବିଦ୍ୟୁତ୍ ଉପଭୋକ୍ତାଙ୍କ ଦ୍ୱାରା ପ୍ରଦତ୍ତ ରାଶିରୁ ହିଁ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ କ୍ରୟ କରାଯାଇ ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ । ଏହା ରାଜ୍ୟ ତଥା ଦେଶର ସମ୍ପତ୍ତି ଅଟେ । ତେଣୁ ଏହି ଜାତୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ସମସ୍ତ ଜନସାଧାରାଣଙ୍କ ମଧ ଦାୟିତ୍ୱ ଅଟେ ।

**କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ**
**ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା**